# Sambalpur Municipal Corporation
# Sambalpur (Odisha)

Email Id : Sambalpurm.hud@nic.in
Phone No. 0663-2411012

No. 5447 /SMC/AAHAAR Dt. 09.06.2022

## Expression of Interest (EoI)

**ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଆହାର କେନ୍ଦ୍ର ସମ୍ପାଦନା ଓ ପରିଚାଳନା ସମ୍ବନ୍ଧେ**

ସମ୍ବଲପୁର ମହାନଗର ନିଗମର ଅନ୍ତର୍ଗତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଆହାର କେନ୍ଦ୍ର ର ସୁସମ୍ପାଦନା ଓ ସୁପରିଚାଳନା କରାଯିବ। ଏହି ଆହାର କେନ୍ଦ୍ରର ସୁସମ୍ପାଦନା ଓ ସୁପରିଚାଳନା ଲାଗି ସ୍ଥାନୀୟ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟା ମାନଙ୍କୁ ହସ୍ତାନ୍ତର କରାଯିବା ନିମନ୍ତେ ସ୍ଥିର କରାଯାଇଛି ।ଏଣୁ ନିମ୍ନଲିଖିତ ଯୋଗ୍ୟତା ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

**ଯୋଗ୍ୟତା:**

- ଗୋଷ୍ଠୀ ପରିଚାଳନା ନିମନ୍ତେ ପଞ୍ଚସୂତ୍ର ଆପଣେଇଥିବା ମିଶନ ଶକ୍ତି ଗୋଷ୍ଠୀ ଏଥି ନିମନ୍ତେ ଆବେଦନ କରିପାରିବେ ।
- ଆବେଦନକାରୀ ମିଶନ ଶକ୍ତି ଗୋଷ୍ଠୀ ଅନ୍ୟୁନ ୨(ଦୁଇ) ବର୍ଷ ମଧ୍ୟରେ ଆୟ ଉତ୍ପାଦନ କାର୍ଯ୍ୟକ୍ରମ(Income Generation Activity)ରେ ଜଡ଼ିତ ଥିବା ଆବଶ୍ୟକ ।
- ଆବେଦନକାରୀ ମିଶନ ଶକ୍ତି ଗୋଷ୍ଠୀଙ୍କର ଅନ୍ୟୁନ ୨(ଦୁଇ) ବର୍ଷର ବାର୍ଷିକ ଆର୍ଥିକ କାରବାର ୧ (ଏକ) ଲକ୍ଷ ହୋଇଥିବା ଆବଶ୍ୟକ ଏବଂ ଏହା ଗତ ଆର୍ଥିକ ୨(ଦୁଇ) ବର୍ଷରେ କ୍ରମାଗତ ଭାବେ ହୋଇଥିବା ଆବଶ୍ୟକ ।
- ଆବେଦନକାରୀ ମିଶନ ଶକ୍ତି ଗୋଷ୍ଠୀ କୌଣସି ଆର୍ଥିକ ଅନିୟମିତତା ଯଥା NPA ଘୋଷିତ ଲୋନ୍, ଲୋନ୍ ର ପ୍ରି-ସେଟେଲମେଣ୍ଟ କିମ୍ବା ଲୋନ୍ ର ୱାନ ଟାଇମ ସେଟେଲମେଣ୍ଟ ଭଳି ଅନିୟମିତତା ରେ ଜଡ଼ିତ ନଥିବେ ।
- ଆବେଦନକାରୀ ମିଶନ ଶକ୍ତି ଗୋଷ୍ଠୀର କୌଣସି ବି ସଦସ୍ୟ ଅସମାଜିକ ତଥା ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ ନଥିବେ ।
- ସମ୍ବଲପୁର ମହାନଗର ନିଗମରରେ ଥିବା ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ ଏହି ଆହାର କେନ୍ଦ୍ରର ସମ୍ପାଦନା ଓ ପରିଚାଳନା କାର୍ଯ୍ୟ ନିମନ୍ତେ ଅଗ୍ରାଧିକାର ପ୍ରଦାନ କରାଯାଇ ଚୟନ କରାଯିବ ।
- ଏହିପରି କାର୍ଯ୍ୟରେ ଅଭିଜ୍ଞତା ଥିବା ମିଶନ ଶକ୍ତି ଗୋଷ୍ଠୀମାନଙ୍କୁ ଆହାର କେନ୍ଦ୍ରର ସମ୍ପାଦନା ଓ ପରିଚାଳନା କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବ ।

ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏଥିସହିତ ସଲଗ୍ନ ଦରଖାସ୍ତଫର୍ମ ରେ ସଂପୂର୍ଣ ବିବରଣୀ ସହିତ ନିମ୍ନଲିଖିତ କାଗଜାତ ସହ ଆବେଦନ କରିପାରିବେ ।ଏହି ଦରଖାସ୍ତ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ଠାରେ **ତା. ୧୭.୦୬.୨୦୨୨ ଦିବା ୦୪:୦୦ ଘଟିକା** ମଧ୍ୟରେ ରେଜିଷ୍ଟ୍ରି/ସ୍ପୀଡ଼ପୋଷ୍ଟ ଡାକଯୋଗେ କିମ୍ବା ପ୍ରାପ୍ତିସ୍ୱୀକାର ସହ **Nodal C.O.** ଙ୍କ ପାଖରେ ଦାଖଲ କରିପାରିବେ ।

ଗ୍ରହଣ କରାଯାଇଥିବା ଦରଖାସ୍ତ ଫର୍ମ ଗୁଡିକ ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟ, ଦୁର୍ଗାପାଲି ,କାଉନ୍ସିଲ ହଲ ରେ **ତା.୨୮.୦୬.୨୦୨୨ ଦିବା ୧୦:୦୦ ଘଟିକା** ସମୟରେ ଆହାର କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତି ରେ ଅନାବୃତ କରାଯିବ ।ଏହିସମୟରେ ସମସ୍ତ ଦରଖାସ୍ତକାରୀ ନିଜର ଆବଶ୍ୟକୀୟ କାଗଜାତ ସହ ଉପସ୍ଥିତ ରହିବା ନିମନ୍ତେ ଜଣାଇଦିଆଗଲା ।

**ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ ।**

୧. ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲ୍ୟୁସନ୍ କପି ।
୨. ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ଉକ୍ତ କାର୍ଯ୍ୟ ସମ୍ପାଦନା ଓ ପରିଚାଳନା ନିମନ୍ତେ ପାରିତ ଇଚ୍ଛୁକତା ସଂକଳ୍ପର କପି।
୩. ମିଶନ ଶକ୍ତି ଗୋଷ୍ଠୀ ଅନ୍ୟୁନ ୨(ଦୁଇ) ବର୍ଷରେ ଆୟ ଉତ୍ପାଦନ କାର୍ଯ୍ୟକ୍ରମ ରେ ଜଡ଼ିତ ଥିବାର ନିଦର୍ଶନ ସ୍ୱରୂପ କାଗଜାତ।
୪. ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପରିଚାଳିତ ବ୍ୟାଙ୍କ ଖାତାରେ ହୋଇଥିବା ବିଗତ(୨୦୧୯-୨୦,୨୦୨୦-୨୧,୨୦୨୧-୨୨) ୩(ତିନି ) ବର୍ଷର ଆର୍ଥିକ କାରବାର ।
୫. ମିଶନ ଶକ୍ତି ଗୋଷ୍ଠୀ ସତ୍ୟପାଠ ମାଧ୍ୟମରେ ଦର୍ଶାଇଥିବେ ଯେ, ଗୋଷ୍ଠୀ କୌଣସି ଆର୍ଥିକ ଅନିୟମିତତା ଯଥା NPA ଘୋଷିତ ଲୋନ୍, ଲୋନ୍ ର ପ୍ରି-ସେଟେଲମେଣ୍ଟ କିମ୍ବା ଲୋନ୍ ର ୱାନ ଟାଇମ ସେଟେଲମେଣ୍ଟରେ ଜଡ଼ିତ ନାହାନ୍ତି।
୬. ମିଶନ ଶକ୍ତି ଗୋଷ୍ଠୀ ସତ୍ୟପାଠ ମାଧ୍ୟମରେ ଦର୍ଶାଇଥିବେ ଯେ, ଗୋଷ୍ଠୀ କିମ୍ବା ଗୋଷ୍ଠୀର କୌଣସି ବି ସଦସ୍ୟ ଅସମାଜିକ ତଥା ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ ନାହାନ୍ତି ।

ଏ ବିଷୟରେ ଅତିରିକ୍ତ ସୂଚନା ମହାନଗର ନିଗମ ୱେବସାଇଟ୍ (http://www.smcsambalpur.nic.in) ରେ ଉପଲବ୍ଧ ଅଛି ।

9.6.22

ପୌର ଆୟୁକ୍ତ ତଥା ସଭାପତି
ନଗର ଆହାର ସମିତି
ସମ୍ବଲପର ମହାନଗର ନିଗମ

Memo No. 5448 / SMC                                                  Dt. 09.06.2022

Copy to be displayed at SMC website and notice board, SMC/ Collectorate notice board and to be made available at all ward offices for wide circulation of information.

Commissioner-cum- President
City Aahaar Society (CAS)
SMC, Sambalpur

# ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ଗୋଷ୍ଠୀ ମୋହର ସହିତ ଆବେଦନ ଫର୍ମ

| ସଂଖ୍ୟା | | ବିବରଣୀ |
|---|---|---|
| ୧ | ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାମ | |
| | ପଞ୍ଜୀକୃତ ସଂଖ୍ୟା | |
| | ଠିକଣା | |
| | ୱାର୍ଡ ସଂଖ୍ୟା | |
| ୨ | ଗୋଷ୍ଠୀ ଗଠନ ତାରିଖ | |
| ୩ | ଶ୍ରେଣୀକରଣ (Gradation ) ହୋଇଛି ? (ହଁ/ନାହିଁ) | |
| ୪ | ଗୋଷ୍ଠୀରେ ମାନ ଆଦର୍ଶ ପ୍ରଥା (ପଞ୍ଚସୂତ୍ର)ର ଅନୁସରଣ କରାଯାଉଛି କି? (ହଁ/ନାହିଁ ) | |
| ୫ | ଗୋଷ୍ଠୀର ସକ୍ରିୟ ସଦସ୍ୟା ସଂଖ୍ୟା | |
| ୬ | ଆୟ ଉତ୍ପାଦନ କାର୍ଯ୍ୟକ୍ରମ(Income Generation Activity)ରେ ଜଡ଼ିତ କି ?( ହଁ/ନାହିଁ) | |
| ୭ | ଅନ୍ୟୁନ ୨(ଦୁଇ) ବର୍ଷର ବାର୍ଷିକ ଆର୍ଥିକ କାରବାର ୧ (ଏକ ) ଲକ୍ଷ ଟଙ୍କା ହୋଇଛି କି ? (ହଁ/ନାହିଁ) | |
| ୮ | ନିବେଶ କ୍ଷମତା | |
| ୯ | ତଥା ତାସଦୃଶ କାର୍ଯ୍ୟ ସମ୍ପାଦନରେ ଅଭିଜ୍ଞତା ଅଛି କି?(ହଁ/ନାହିଁ) ଯଦି ଅଛି ତେବେ କେତେ ସମୟର | |
| ୧୦ | ସମ୍ବଲପୁର ମହାନଗର ନିଗମରରେ ଥିବା ଆହାର କେନ୍ଦ୍ର ର ସୁସମ୍ପାଦନା ଓ ସୁପରିଚାଳନା ନିମନ୍ତେ ଇଚ୍ଛୁକ କି ? ( ହଁ/ନାହିଁ) | |
| ୧୧ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) | |
| ୧୨ | ସଭାପତିଙ୍କ ନାମ | |
| | ସଭାପତିଙ୍କ ଫୋନ ନମ୍ବର | |
| ୧୩ | ସମ୍ପାଦକଙ୍କ ନାମ | |
| | ସମ୍ପାଦକଙ୍କ ଫୋନ ନମ୍ବର | |
| ୧୪ | ପ୍ରତି ମିଟିଂ ର ବିବରଣୀ ନିୟମିତ ଭାବରେ ଲେଖା ହୋଇଛି? (ହଁ/ନାହିଁ) | |
| | | |

## ଘୋଷଣା

ଆମ୍ଭେ ସତ୍ୟନିଷ୍ଠାର ସହ ଘୋଷଣା କରୁଅଛୁ କି, ଉପରୋକ୍ତ ତଥ୍ୟ ଓ ଏଥିସହିତ ସଂଯୁକ୍ତ କାଗଜାତ ଆମ୍ଭ ଜ୍ଞାତସାରରେ ସତ୍ୟ ଅଟେ ।ଏଥିରେ ଭୁଲ ପ୍ରମାଣିତ ହେଲେ ଆମ୍ଭର ଏହି ଦରଖାସ୍ତ ଖାରଜ କରାଯାଇପାରିବ କିମ୍ବା ଏହି ଦରଖାସ୍ତ ମାଧମରେ ପ୍ରାପ୍ତି ହୋଇଥିବା କାର୍ଯ୍ୟାଦେଶ ଓ ଅନୁଦାନ ଖାରଜ କରାଯାଇପାରିବ ।

**ସମ୍ପାଦକଙ୍କ ସ୍ୱାକ୍ଷର**
(ମୋହର ସହିତ)

**ସଭାପତିଙ୍କ ସ୍ୱାକ୍ଷର**
(ମୋହର ସହିତ)